# aurAkashvani, Sambalpur

## SAMBALPURI NEWS BULLETIN

### 10 August 2025 - 6.47- 6.52 am.

**********************************************

ଫାଇଲେରିଆ ନିରାକରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଫାଇଲେରିଆ ନିରାକରଣ୍ ନେଇକରି ଆଏଜ୍‌ଠାନୁ ୨ ନମ୍ବର୍ ଖେପ୍ ସାମୂହିକ୍ ଉଷୋ ଖୁଆବାର୍ ଅଭିଯାନ୍ ମୁଲ୍ ହେବା । ୧୯ ତାରିଖ୍‌ତକ୍ ହେବାର୍‌କେ ଥିବା ଅଭିଯାନ୍‌ଥି ୧୨ ଟା ଜିଲ୍ଲାକେ ସାମିଲ୍ କରାଯାଇଛେ । ସ୍ୱାସ୍ଥ୍ୟକର୍ମୀମାନେ ଘର୍‌ଘର୍ ଯାଇକରି ଲୁକ୍‌କୁ ଉଷୋ ଖୁଆବେ ଆଉ ଫାଇଲେରିଆ ରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବେ ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଜ୍ୟକେ ଫାଇଲେରିଆ ମୁକ୍ତ କର୍‌ବାର୍ ଲାଗି ବଛର୍‌କ ୨ ଟା ଖେପେ ଇ ଅଭିଯାନ୍ କରାଯାଉଛେ । ଗଲା ଫେବୃଆରୀ ମାସେ ହେଇଥିବା ସାମୂହିକ୍ ଉଷୋ ଖୁଆବାର୍ ଅଭିଯାନ୍‌ଥି ୯୦ ପ୍ରତିଶତ୍ ସଫଲତା ମିଲିଥିବାର୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ହର୍‌ଘର୍ ତ୍ରିରଙ୍ଗା ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶ୍ ଆଏବା ୧୫ ତାରିଖ୍ ଦିନ ସ୍ୱାଧୀନତାର୍ ୭୮ ବଛର୍ ପାଲନ୍ କର୍ବା । ଇ ଅବ୍ସରେ ହର୍ଘର୍ ତ୍ରିରଙ୍ଗା ଅଭିଯାନ୍ ଗଲାକାଏଲ୍ଠାନୁ ମୁଲ୍ ହେଇକରି ସ୍ୱାଧୀନତା ଦିବସ୍ତକ୍ ଚାଲ୍ବା । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍ଥି ମିଲିଥିବା ଅଭୂତପୂର୍ବ ଜନଭାଗିଦାରୀ ଲାଗି ଖୁସି ଜାହିର୍ କରିଛନ୍ । ସେ ନାଗରିକ୍ମାନ୍କୁ harghartriranga.com ଥି ସେମାନ୍କର୍ ଫଟୋ ଆଉ ସେଲ୍ଫି ସେୟାର୍ କର୍ବାର୍କେ ଅନୁରୋଧ୍ କରିଛନ୍ । ଜାତୀୟ ପତାକାକେ ସମ୍ମାନ୍ ଜନେଇକରି ଦେଶର୍ ସବୁ ନାଗରିକ୍ ନିଜର୍ ଘରେ ଜାତୀୟ ପତାକା ଉଡ୍ଡେଇକରି ସ୍ୱାଧୀନତା ଦିବସ୍ ପାଲନ୍ କର୍ବାର୍ଟା ଇ ଅଭିଯାନ୍ ମୁଖ୍ୟ ଲକ୍ଷ୍ୟ ଆଏ ।

ରାଜ୍ୟପାଲ୍- ଆଇଜର୍ ଆର୍ଏନ୍ୟୁ/ ସମ୍ବଲପୁର

ଶିକ୍ଷାକେ ଖାଲି ଡିଗ୍ରୀଥି ସିମିତ୍ ନାଇଁ ରଖିକରି ସମାଜ୍ର ପରିବର୍ତ୍ତନ୍ ଦିଗେ ଇତାକେ ଲଗାବାର୍କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ବ୍ରହ୍ମପୁର୍ ନ ଥିବା ଭାରତୀୟ ବିଜ୍ଞାନ୍ ଶିକ୍ଷା ଆଉ ଅନୁସନ୍ଧାନ୍ ସଂସ୍ଥାନ୍ ଆଇଜର୍ର ପହେଲା ସମାବର୍ତନ୍ ସମାରୋହଥି ରାଜ୍ୟପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍କୁ ମାର୍ଗଦର୍ଶନ୍ ଦେଇଛନ୍ । କାର୍ଯ୍ୟକ୍ରମ୍ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍

ଦେଇକରି ଶିକ୍ଷା ଆଉ ବିଜ୍ଞାନ୍ ଗୁଟେ ଉତମ୍ ଭବିଷ୍ୟତ୍ ଗଢ଼୍‌ବାର୍ ଦିଗେ ଜରୁରୀ ଦସ୍ତାବିଜ୍ ଆଏ ବଲି କହିଛନ୍ । ଇ ଅବ୍‌ସରେ ଶହେ ୩୬ ଝନ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଆଉ ୨୨ ଝନ୍‌କୁ ପିଏଚ୍‌ଡି ପ୍ରଦାନ୍ କରାଯାଇଛେ ।

ଟ୍ରେନ୍ ଟିକେଟ୍- ରିହାତି ଏନ୍‌ଏସ୍‌ଡି

ପୂଜା ସମିଆଥି ଟ୍ରେନ୍ ଯାତ୍ରାଥି ହେଉଥିବା ଭିଡ଼୍‌କେ ବ୍ୟବସ୍ଥିତ୍ କର୍‌ବାର୍ ଲାଗି ରେଲ୍‌ବାଇ ତର୍‌ଫୁ ରାଉଣ୍ଡ୍ ଟ୍ରିପ୍ ପେକେଜ୍ ନାଁଥି ଗୁଟେ ଖାସ୍ ଯୋଜ୍‌ନା ପରୀକ୍ଷାମୂଲକ୍ ଭାବେ ମୁଲ୍ କରାଯିବା ବଲି ଘୋଷ୍‌ନା କରାଯାଇଛେ । ଅକ୍ଟୋବର୍ ୧୩ ନୁ ୨୬ ତାରିଖ୍ ଭିତ୍‌ରେ ଯାତ୍ରା କର୍‌ବାର୍ ଆଉ ନଭେମ୍ବର୍ ୧୭ ନୁ ଡିସେମ୍ବର୍ ୧ ଭିତ୍‌ରେ ଫିର୍‌ବାର୍ ଲାଗି ବୁକିଂ ହେଉଥିବା ଟିକେଟ୍ କ୍ଷେତ୍ରଥି ଯାତ୍ରୀମାନ୍‌କୁ ଫିର୍‌ବାର୍ ଟିକଟ୍‌ର ମୁଲ୍ ଦାମ୍‌ଥି ୨୦ ପ୍ରତିଶତ୍ ରିହାତି ମିଲ୍‌ବା । ଇ ମାସର୍ ୧୪ ତାରିଖ୍‌ନୁ ବୁକ୍ ହେଉଥିବା ଟିକେଟ୍‌ଥି ଇ ରିହାତି ମିଲ୍‌ବା ବଲି ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଜନୈତିକ୍ ଦଲ-ତାଲିକାନୁ ବାହାର୍ ପ୍ରେସ୍ ରିଲିଜ୍

ନିର୍ବାଚନ୍ ଆୟୋଗ୍ ଆଉ ମୁଖ୍ୟ ନିର୍ବାଚନ୍ ଅଧିକାରୀମାନ୍‌କର୍ ସବୁ ତଥ୍ୟ ଆଉ ସୁପାରିଶ୍‌କେ ବିଚାର୍ କର୍‌ବାର୍ ଉତ୍‌ରୁ ୩ ଶହ ୩୪ ଟା ପଞ୍ଜିକୃତ ଅସ୍ୱୀକୃତି ପ୍ରାପ୍ତ ରାଜନୈତିକ୍ ଦଲ୍‌କେ ତାଲିକାନୁ ବାହାର୍ କରାଯାଇଛେ । ଏଛେନ୍ ମୋଟ୍ ୨ ହଜାର୍ ୮ ଶହ ୫୪ ଟା ପଞ୍ଜିକୃତ ଅସ୍ୱୀକୃତିପ୍ରାପ୍ତ ରାଜନୈତିକ୍ ଦଲ୍ ଭିତ୍‌ରୁ ୨ ହଜାର୍ ୫ ଶହ ୨୦ ଟା ବାକି ଅଛନ୍ । ନିର୍ବାଚନ୍ ଆୟୋଗଙ୍କର୍ ନିର୍ବାଚନ୍ ପ୍ରଣାଲୀକେ ଫଟିକ୍ କର୍‌ବାର୍ ଲାଗି ବ୍ୟାପକ୍ ଆଉ ନିରନ୍ତର୍ ରଣନୀତିର ଅଂଶ ଆଏ ।

ଗଙ୍ଗାଧର ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱଭାବ କବି ଗଙ୍ଗାଧର୍ ମେହେର୍‌ଙ୍କର୍ ଜନମ୍ ଜାଗା ବର୍‌ଗଡ୍ ଜିଲ୍ଲା ବର୍‌ପାଲି ଠାନେ ଗଙ୍ଗାଧର୍ ସାହିତ୍ୟ ପରିଷଦ୍ ତରଫୁ କବିଙ୍କର୍ ଶହେ ୬୪ ତମ ଜୟନ୍ତୀ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ସନତ୍ ଗଡ଼୍‌ତିଆ ଯୋଗ୍ ଦେଇକରି ଗଙ୍ଗାଧର୍‌ଙ୍କର୍ ରହଣୀ ଆଉ କବିଙ୍କର୍ ଅନନ୍ୟ ବ୍ୟକ୍ତିତ୍ୱ ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ବିଶିଷ୍ଟ ଗବେଷକ ଡକ୍ଟର୍ କୁମୁଦ ରଞ୍ଜନ୍ ପାଣିଗ୍ରାହୀ, ଡକ୍ଟର୍ ଅଶୋକ୍ କୁମାର୍ ଦାସ, ଡକ୍ଟର୍ କୁଳମଣି ବେହେରାଙ୍କୁ ଗଙ୍ଗାଧର୍ ସାରସ୍ୱତ ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଥିଲା ।

ଟ୍ରାଫିକ୍ ସିଗ୍ନାଲ୍ ଲାଇଟ୍-ସମ୍ବଲ୍ପୁର୍ ଆର୍ଏନ୍ୟୁ/ ସମ୍ବଲପୁର

ଦୁର୍ଘଟଣା ରୁକ୍ବାର୍ ଲାଗି ସମ୍ବଲ୍ପୁର୍ ସହରେ ସିଗ୍ନାଲ୍ ଲାଇଟ୍ ଲଗାଯାଇଛେ । ଗଲାକାଏଲ୍ ସହରର୍ ମୁଖିଆ ଛକ୍, ଜେଲ୍ଛକ୍ ଆଉ ଲକ୍ଷ୍ମୀ ଟକିଜ୍ ଛକ୍ ନ ଇ ଲାଇଟ୍ ଲଗାଯାଇଛେ । ସହରର୍ ଧନୁପାଲି ଛକ୍, ମୁଦିପଡ଼ା ଛକ୍, ଚର୍ଚ୍ଚ ଛକ୍, ରେମେଡ୍ ଛକ୍ ବାଗିର୍ ଜାଗା ମାନ୍କେ ଆଏବା ୨/୪ ଦିନ୍ ଭିତ୍ରେ ଇ ସିଗ୍ନାଲ୍ ଲାଇଟ୍ ଲଗାଯିବା । ଇତାର୍ସହେତେ ଇସବୁ ଛକ୍ମାନ୍କେ ସିସିଟିଭି କେମ୍ରାର୍ ଭିଲ୍ ବ୍ୟବସ୍ଥା କରାଯାଇଛେ ।

ସୁଭଦ୍ରା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଜିଲ୍ଲା ସଂସ୍କୃତି ଭବନ୍ ଠାନେ ଗଲାକାଏଲ୍ ସୁଭଦ୍ରା ଯୋଜ୍ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ହିତାଧିକାରୀମାନ୍କୁ ଦିଆଯାଇଥିଲ । କାର୍ଯ୍ୟକ୍ରମ୍ଥି ବୀର୍ମହାରାଜ୍ପୁର୍ ବିଧାୟକ୍ ରଘୁନାଥ୍ ଜଗ୍ଦଲା, ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁଙ୍କର୍ ସହେତେ ଅଲ୍ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଦୌଡ଼କୁଦ ପ୍ରତିଯୋଗିତା ଆର୍ଏନ୍ୟୁ/ କଟକ୍

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ବିଶ୍ୱ  ଏଥ୍‌ଲେଟିକ୍ କଂଟିନେଂଟାଲ୍ ଟୁର୍ ବ୍ରୋଞ୍ଜ୍ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ୍ ହେବା । ପ୍ରତିଯୋଗିତାର୍ ୧୮ ଟା ବର୍ଗଥି ଭାଗ୍ ନେବାର୍ ଲାଗି ବହୁତ୍‌ଟେ ତାରକା ଖେଳାଳି ଭୁବ୍‌ନେଶ୍ୱର୍ ନ ପୁହୁଁଚିଛନ୍ । ୧୭ ଟା ଦେଶର୍ ମୋଟ୍ ଶହେ ୬୦ ଝନ୍ ପ୍ରତିଯୋଗୀ ଇଥି ଭାଗ୍ ନେଉଛନ୍ । ସେଥିର୍‌ଭିତ୍‌ରୁ ଭାରତ୍‌ର ୯୭ ଝନ୍ ଆଉ ୬୩ ଝନ୍ ବିଦେଶୀ ଖେଳାଳି ଅଛନ୍ । ପ୍ରତିଯୋଗିତାକେ ଅଏତ୍‌କା ଆକର୍ଷଣୀୟ କର୍‌ବାର୍ ଆଉ ପ୍ରତିଯୋଗୀମାନ୍‌କୁ ପ୍ରୋତ୍ସାହନ୍ ଦେବାର୍ ଲକ୍ଷ୍ୟ ନେଇକରି ଷ୍ଟାଡ଼ିୟମ୍‌ଥି ଦର୍ଶକ୍‌ମାନ୍‌କର୍ ଉପସ୍ଥିତିକେ ମାହାଲିଆ କରାଯାଇଛେ । ଉପର୍‌ବେଲାନୁ ମୁଲ୍ ହେଇକରି ଭିନ୍ ଭିନ୍ ବର୍ଗର୍ ପ୍ରତିଯୋଗିତା ରାତିତକ୍ ଚାଲ୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ପାଣିପାଗ            ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଆଏବା କାଏଲ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୨୧ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।